

ମୁଁ ଧୀରେ ଧୀରେ ଚାଲେ, କିନ୍ତୁ ମୋର ଗତି କେବେହେଲେ ପଛଆଡ଼କୁ ନୁହେଁ।
-ଆବ୍ରାହମ୍ ଲିଙ୍କନ୍

## ସଂକ୍ଷେପରେ

### ଲୁଟ୍ ମାମଲାରେ ୨ ଗିରଫ

ଜୟପୁର,୨୫।୨(ଡି.ଏନ୍.ଏ.): ଜିଲାର ବିଭିନ୍ନ ଥାନାରେ କାର, ବାଇକ ଲୁଟ୍ ଓ ଡକାୟତି ମାମଲାରେ ଅଭିଯୁକ୍ତ ଥିବା ୨ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି ଜୟପୁର ସଦର ଥାନା ପୋଲିସ। ଅଭିଯୁକ୍ତ ହେଲେ ସ୍ଥାନୀୟ ସଦରଥାନା ମହୁଲଭଟ୍ଟା ଗ୍ରାମର ନରସିଂହ ହରିଜନ (୨୩) ଓ ନାରାପଦର ଗ୍ରାମର ଜିନୁ ଖିଲ(୨୪)। ଜୟପୁର ସଦରଥାନା ସମେତ ଜିଲାର ବିଭିନ୍ନ ଥାନାରେ ଡକାୟତି, କାର୍ ଏବଂ ବାଇକ ଲୁଟ୍ ମାମଲାରେ ଉଭୟଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ। ଅଭିଯୁକ୍ତମାନେ ଗତ ୫ ତାରିଖ ଜଗଦଲପୁର ଅଞ୍ଚଳର ୪ ଜଣ ପର୍ଯ୍ୟଟକଙ୍କୁ କୋଲାବ ଅଞ୍ଚଳରୁ ମାଡ଼ ମାରି କାର, ଏଟିଏମ୍ କାର୍ଡ ଏବଂ ଟଙ୍କା ଲୁଟ୍ କରିଥିଲେ। ଏନେଇ ଗତ ୧୨ ତାରିଖ ଧାରା ୩୯୫ ଆଇପିସିରେ ଏକ ମାମଲା (୨୯/୧୯) ରୁଜୁ ହୋଇଥିଲା। ଏଥିରେ ପୂର୍ବରୁ ଦୁଇଜଣ ଗିରଫ ହୋଇଥିବା ବେଳେ ସୋମବାର ଉପରୋକ୍ତ ୨ ଜଣ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତଙ୍କୁ ମାଲକାନଗିରି ଜିଲା ବାଲିମେଳା ଅଞ୍ଚଳରୁ ଗିରଫ କରାଯାଇଥିବା ନେଇ ଥାନା ଅଧିକାରୀ ସ୍ନେହାଶିଷ ସାହୁ କହିଛନ୍ତି।

### କପିକରି ୨ ଧରାପଡ଼ିଲେ

କୋରାପୁଟ,୨୫।୨(ସ୍ୱ.ପ୍ର.): କୋରାପୁଟ ଜିଲାରେ ମାଟ୍ରିକ ପରୀକ୍ଷା ଚାଲିଥିବା ବେଳେ ସୋମବାର ଅନୁଷ୍ଠିତ ଇଂରାଜୀ ପରୀକ୍ଷାରେ କପିକରି ୨ ଜଣ ପରୀକ୍ଷାର୍ଥୀ ନିରୀକ୍ଷକଙ୍କ ଦ୍ୱାରା ଧରାପଡ଼ିଛନ୍ତି। ସୋମବାର ଇଂରାଜୀ ପରୀକ୍ଷା ଚାଲୁଥିବା ବେଳେ ଜିଲାର ବୈପାରୀଗୁଡ଼ା ବ୍ଲକ ଗୁପ୍ତେଶ୍ୱର ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨ ଜଣ ପରୀକ୍ଷାର୍ଥୀଙ୍କୁ କପି କରିବା ସମୟରେ ନିରୀକ୍ଷକ ଧରିଥିଲେ। ପରୀକ୍ଷାର ପ୍ରଥମ ଦିନରେ ସୁବାଇ ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟରେ କପି କରି ୩ ଜଣ ଧରା ପଡ଼ିଥିଲେ।

### ସାପ କାମୁଡ଼ାରେ ଯୁବକ ମୃତ

କୋରାପୁଟ,୨୫।୨(ସ୍ୱ.ପ୍ର.): କୋରାପୁଟ ଜିଲାର ବିସିଂହପୁର ଥାନା ଅନ୍ତର୍ଗତ ରାଜୁଗୁଡ଼ା ଗ୍ରାମରେ ସୋମବାର ଜଣେ ଯୁବକ ସାପ କାମୁଡ଼ାରେ ଗୁରୁତର ହୋଇ କୋରାପୁଟ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ରାଜଗୁଡ଼ା ଗ୍ରାମର ମିଟୁ ମୁଦୁଲି (୩୦)। ସେ ମାଟିକାମ କରିବାକୁ ରାୟଗଡ଼ାରେ ଯାଇ ରହୁଥିଲେ। ସୋମବାର ସକାଳେ ସାପ କାମୁଡ଼ିବାରୁ ତାଙ୍କୁ ପ୍ରଥମେ ରାୟଗଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ମେଡିକାଲ ସ୍ଥାନାନ୍ତର କରାଯାଇଥିବାବେଳେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଛି। ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ।

### ବିଜୁ ଯୁବ ବାହିନୀକୁ ମିଳିଲା ମୋବାଇଲ



ପଟ୍ଟାଙ୍ଗି,୨୫।୨(ଡି.ଏନ୍.ଏ.): ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ମୋବାଇଲ ପ୍ରଦାନ କରିଛନ୍ତି ବିଧାୟକ ପ୍ରଫୁଲ୍ଲ ପାଙ୍ଗି। ଗ୍ରାମାଞ୍ଚଳରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନ ସହଜ କରିବା ପାଇଁ ଯୁବ ବାହିନୀ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ମାଗଣାରେ ଜିଓ ମୋବାଇଲ ପ୍ରଦାନ କରିଛନ୍ତି। ତେବେ ଏହାର ଅସଦ୍ ବ୍ୟବହାର ନ କରିବା ପାଇଁ ବିଧାୟକ ସଦସ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାସ୍ତରରେ ରହିଥିବା ବିଜୁ ଯୁବ ବାହିନୀ କୋର୍ଡିନେଟର ତଥା ହ୍ୱାଟ୍ସଆପ୍ ଗ୍ରୁପ୍ (୭୦୦୮୯-୮୫୧୨୧) ସହ ସମ୍ପର୍କରେ ରହି ଗ୍ରାମାଞ୍ଚଳର ସମସ୍ୟା ସୂଚନା ଆଦାନପ୍ରଦାନ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ୩୩୭ ଜଣଙ୍କୁ ମୋବାଇଲ ପ୍ରଦାନ ବ୍ୟବସ୍ଥା ହୋଇଥିବା ବେଳେ ସୋମବାର ପ୍ରଥମ ପର୍ଯ୍ୟାୟରେ ୧୦୮ ଜଣଙ୍କୁ ମୋବାଇଲ ଦିଆଯାଇଥିବା ବିଡିଓ କରୁଣାକର ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜୁ ଯୁବ ବାହିନୀ କୋର୍ଡିନେଟର ଅବିନାଶ ହନ୍ତାଳ, ଜିଓ କମ୍ପାନୀ କର୍ମକର୍ତ୍ତା, ପୁକାଲି ସରପଞ୍ଚ ଡାଳିମ୍ବ ପାଙ୍ଗି, ସମିତିସଭ୍ୟ ଚିକୁନ ପାଙ୍ଗି, ସୁଙ୍କି ପଞ୍ଚାୟତ ସାପାଲ ରାଜୁ, ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଖିଲ ଉପସ୍ଥିତ ଥିଲେ।

# ଫିଙ୍କା ପଡ଼ିଲା ନିଯୁକ୍ତି ମେଳା

ଜୟପୁର,୨୫।୨(ଡି.ଏନ୍.ଏ)

- ପ୍ରଚାର ପ୍ରସାର ଅଭାବ
- ମାତ୍ର ୪ ନିଯୁକ୍ତି ସଂସ୍ଥା ଆସିଥିଲେ
- ଯୁବତୀ ଯୁବକଙ୍କ ଉପସ୍ଥାନ କମ୍ ଥିଲା



ନିଯୁକ୍ତିମେଳା ପରିସରରେ ଯୁବତୀ ଯୁବକଙ୍କ ସଂଖ୍ୟା କମ୍ ରହିଛି ।

ଜୟପୁର ବ୍ଲକସ୍ତରୀୟ ନିଯୁକ୍ତି ମେଳା ସ୍ଥାନୀୟ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଛି। କିନ୍ତୁ ବିଭାଗ ପକ୍ଷରୁ ପ୍ରଚାର ପ୍ରସାର ଅଭାବ ଯୋଗୁଁ କେବଳ ୪ଟି ନିଯୁକ୍ତି ସଂସ୍ଥା ଆସିଥିବା ବେଳେ ବେକାରୀ ଯୁବତୀ ଯୁବକଙ୍କ ଉପସ୍ଥାନ ଆବଶ୍ୟକତାଠାରୁ କମ୍ ରହିଛି। ବିଭିନ୍ନ ପଞ୍ଚାୟତକୁ ସୂଚନା ଦିଆଯାଇ ନଥିବା ଯୋଗୁଁ ଗ୍ରାମାଞ୍ଚଳର ବେକାରୀ ଯୁବତୀ ଯୁବକ କମ୍ ସଂଖ୍ୟାରେ ଆସିଥିଲେ। ଅପରାହ୍ନ ୨ଟା ସୁଦ୍ଧା ମାତ୍ର ୪୫ ଜଣ ଯୁବତୀ ଯୁବକଙ୍କୁ କାଉନସେଲିଂ କରାଯାଇଥିଲା। ଯଦିଓ ଅପରାହ୍ନ ୫ଟା ବେଳକୁ ତାହା ୧୩୪ରେ ପହଞ୍ଚିଥିଲା। ତେବେ ମେଳାରେ କେତେ ଜଣ ଯୁବତୀ ଯୁବକ ଆଗ୍ରହ ପ୍ରକାଶ କରିବା ସହ ଦକ୍ଷତା ତାଲିମ ଶିବିରରେ ଯୋଗଦେବେ, ସେନେଇ କୌଣସି ତଥ୍ୟ ନାହିଁ । ଜୟପୁର ପୌରସଂସ୍ଥା ଅଞ୍ଚଳରେ ଅଧିକାଂଶ ଯୁବତୀ ଯୁବକ ରହିଥିଲେ ସୁଦ୍ଧା ସୂଚନା ପାଇ ନ ଥିବା ଗ୍ରାମାଞ୍ଚଳର ଯୁବତୀ ଯୁବକ ଆସିପାରି ନାହାଁନ୍ତି । ଏହିପରି କାଗଜ କଲମରେ ନିଯୁକ୍ତି ମେଳା ଚାଲିଥିବା ବେଳେ ସରକାରଙ୍କ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ମଧ୍ୟ ଉଦ୍ଦେଶ୍ୟ ପୂରଣ ହୋଇପାରୁ ନାହିଁ। ସୋମବାର କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବାଗଦେରିଆ, ଉପାଧ୍ୟକ୍ଷ ଈଶ୍ୱର ବାଘ, ଏମ୍ପି ପ୍ରତିନିଧି ବାଲା ରାୟ, ଦାୟିତ୍ୱରେ ଥିବା ପିଇଓ ଅମ୍ବିକା ପାଢ଼ୀ ଉପସ୍ଥିତ ଥିଲେ।

# ବାଇକ୍ ଆରୋହୀଙ୍କଠୁ ଲୁଟିନେଲେ ୪୦ ହଜାର

କୋଟପାଡ଼,୨୫।୨(ଡି.ଏନ୍.ଏ.)

କୋରାପୁଟ ଜିଲା କୋଟପାଡ଼ ପୂର୍ତ୍ତବିଭାଗ ରାସ୍ତା ଜୟପୁର ଭାୟା କୁସୁମୀ ରାସ୍ତାରେ ସୋମବାର ଅପରାହ୍ନରେ ଜଣେ ବାଇକ ଆରୋହୀଙ୍କଠାରୁ ୪୦ ହଜାର ଟଙ୍କା ଲୁଟ୍ ହୋଇଛି। ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଯାଉଥିବା ଗିଡିକା ବସ୍‌ର କଣ୍ଡକ୍ଟର ସୁଶାନ୍ତ ମହାନ୍ତି ନିଜ ବାଇକ୍ ଯୋଗେ କୋଟପାଡ଼ରୁ ଜୟପୁର ଯାଉଥିବାବେଳେ କେନ୍ଦୁଗୁଡ଼ା ଛକ ସରକାରୀ ମଦଭାଟି ନିକଟରେ ଏକ ପାନ ଦୋକାନରେ ବାଇକ୍ ରଖି ଜିନିଷ କିଣିଥିଲେ। ଏହି ସମୟରେ ଜଣେ ଅଚିହ୍ନା ଯୁବକ କୁସୁମୀରେ ଛାଡ଼ିଦେବାକୁ କହିଥିଲେ। ଦୁହେଁ ବାଇକରେ ଯାଉଥିବାବେଳେ ଅନ୍ୟ ଏକ ବାଇକରେ ଦୁଇଜଣ ପିଛାକରି ଫୁଫୁଗାଁ ନିକଟରେ ଅଟକାଇବା ସହ ମାରପିଟ କରି ୪୦ ହଜାର ଟଙ୍କା ଛଡାଇ ନେଇଯାଇଥିବା କୋଟପାଡ଼ ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଘଟଣାର କିଛି ଦୂରରେ ସୁଶାନ୍ତଙ୍କ ବାଇକ ଏବଂ ମୋବାଇଲ ଛାଡି ଫେରାର୍ ହୋଇଯାଇଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ

ବୋରିଗୁମ୍ମା,୨୫।୨(ଡି.ଏନ୍.ଏ.)



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ବୋରିଗୁମ୍ମା ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରର ଦୁଇଦିନିଆ ରଜତ ଜୟନ୍ତି ପାଳିତ ହୋଇଛି। ଉତ୍ସବର ଉଦ୍‌ଘାଟନ ଦିବସରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ଦଣ୍ଡସେନା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି ଯୋଗଦେଇ ଛାତ୍ରୀଛାତ୍ରମାନେ ଅନୁଶାସନ ମଧ୍ୟରେ ରହିବା ଉଚିତ ବୋଲି ମତବ୍ୟକ୍ତ କରିଛନ୍ତି। ଜୟପୁର ମହିଳା ମହାବିଦ୍ୟାଳୟ ଅଧ୍ୟାପକ ମନୋରଞ୍ଜନ ପ୍ରଧାନ ମୁଖ୍ୟବକ୍ତାଭାବେ ଯୋଗଦେଇ ରାଷ୍ଟ୍ରବାଦ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଉଦ୍‌ଯାପନ ଦିବସରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାରେ ଶିକ୍ଷକମାନଙ୍କ ଗୁରୁଦାୟିତ୍ୱ ରହିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀ ପଦ୍ମଲୋଚନ ମହନ୍ତ, କମିଟି ସମ୍ପାଦକ ମୃତ୍ୟୁଞ୍ଜୟ ପଣ୍ଡା, କୋଷାଧ୍ୟକ୍ଷ କବିବର ନାୟକ, ଅଧ୍ୟକ୍ଷ ବିରୁପାକ୍ଷ ମିଶ୍ର, ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଟ୍ରାକ୍ଟର-ସ୍କର୍ପିଓ ମୁହାଁମୁହିଁ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ନନ୍ଦପୁର,୨୫।୨(ଡି.ଏନ୍.ଏ.)

ନନ୍ଦପୁର ଥାନା ଅଧୀନ ପାଡ଼ୁଆପୁଟ ଛକ ନିକଟରେ ଟ୍ରାକ୍ଟର ଏବଂ ସ୍କର୍ପିଓ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ସ୍କର୍ପିଓରେ ଥିବା ଯାତ୍ରୀ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ଗୁପ୍ତେଶ୍ୱରରୁ ସୁନାବେଡ଼ା ଅଭିମୁଖେ ଯାଉଥିବା ସ୍କର୍ପିଓ(ଓଡି୩୦ଏ-୦୯୯୯) ଏବଂ ନନ୍ଦପୁରରୁ ଏକ ନମ୍ବର ବିହୀନ ଇଟା ବୋଝେଇ ଟ୍ରାକ୍ଟର ହିକିମ ପୁଟ ଯାଉଥିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଟ୍ରାକ୍ଟରର ବାମ ସାମନା ଭାଗ ଭାଙ୍ଗିଯାଇଥିବାବେଳେ ସ୍କର୍ପିଓ ରାସ୍ତାକଡ଼ ବିଲ ମଧ୍ୟକୁ ପଶିଯାଇ ଓଲଟି ପଡ଼ିଥିଲା। ସ୍କର୍ପିଓ ଯାତ୍ରୀ ତ୍ରିନାଥ କର୍ଣ୍ଣା, ମାଳତି କର୍ଣ୍ଣା, ଚନ୍ଦ୍ର କର୍ଣ୍ଣା, ଚାଳକ ସୁଶାନ୍ତ ବିଷୋଇ ଆହତ ହୋଇ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଟାକ୍ଟର ଚାଳକ ରଘୁନାଥ ମଲ୍ଲିକଙ୍କୁ ପୋଲିସ ପଚରାଉଚରା କରୁଥିବା ବେଳେ ସମ୍ପୃକ୍ତ ଦୁଇ ଗାଡ଼ିକୁ ଜବତ କରାଯାଇ ଘଟଣାର ତଦନ୍ତ ଚାଲିଥିବା ଏସ୍ଆଇ ଜଳନ୍ଧର ସେଠୀ କହିଛନ୍ତି।

# କୋରାପୁଟରେ ଆରମ୍ଭ ହେବ ମୁଖ୍ୟମନ୍ତ୍ରୀଙ୍କ ସେଲ୍‌ଫି କାର୍ଯ୍ୟକ୍ରମ



ୱାର୍ଡ କମିଟି ବୈଠକରେ ବିଜେଡି ନେତୃବୃନ୍ଦ ।

କୋରାପୁଟ,୨୫।୨(ସ୍ୱ.ପ୍ର.)

କୋରାପୁଟ ଜିଲାର ସମସ୍ତ ବିଧାନସଭା ଆସନ ଦଖଲ ପାଇଁ ଜିଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସେଲଫି କାର୍ଯ୍ୟକ୍ରମ ଆରମ୍ଭ ହେବ। କୋରାପୁଟରେ ଆୟୋଜିତ ମ୍ୟୁନିସପାଲିଟିର ୱାର୍ଡ କମିଟି ବୈଠକରେ ଯୋଗଦେଇ ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି। ମ୍ୟୁନିସିପାଲଟିରେ ୱାର୍ଡ କମିଟି ଗଠନ କରାଯାଇ ଏହାର ସଭ୍ୟମାନେ ପ୍ରତ୍ୟେକ ୱାର୍ଡକୁ ଯାଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସଂପର୍କରେ ଭୋଟରମାନଙ୍କୁ ସଚେତନ କରିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ କୋରାପୁଟ ପୌର ପରିଷଦରେ ମୋଟ ୨୧ଟି ୱାର୍ଡ ରହିଥିବା ବେଳେ ଏହି ଅଞ୍ଚଳରେ ଥିବା ପ୍ରାୟ ୫୦ ହଜାର ଲୋକଙ୍କୁ ୱାର୍ଡ କମିଟି ମାଧ୍ୟମରେ ସଚେତନ କରାଯିବାର ଲକ୍ଷ୍ୟ ରହିଛି । କୋରାପୁଟ ବିଜେଡି ନଗର ସଭାପତି ସୁବାସ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ପୂର୍ବତନ ବିଧାୟକ ରଘୁରାମ ପଡାଲ, ଗୁପ୍ତ ପ୍ରସାଦ ବାହିନୀପତି, ଜିଲା ବିଜେଡି ଉପ ସଭାପତି ଉତ୍କଳ ରଞ୍ଜନ ନାୟକ, ଜିଲା କାର୍ଯ୍ୟକାରୀ ସଭାନେତ୍ରୀ ଶିତା ପାଣିଗ୍ରାହୀ, ବିଜେଡି ନେତା ରଘୁରାମ ମାଛ, ଲଲାଟ ରଞ୍ଜନ ସେଠୀ, ବିନୋଦ ନାୟକ, ବିଦ୍ୟାଧର ସାହୁ, ଦୀନବନ୍ଧୁ ହନ୍ତାଳ ଉପସ୍ଥିତ ଥିଲେ ।

# ଅଗ୍ନିଶମ ପ୍ରଶିକ୍ଷଣ ଶିବିର




ପ୍ରଶିକ୍ଷଣ ଶିବିରରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ ।

ସେମିଳିଗୁଡ଼ା,୨୫।୨(ସ୍ୱ.ପ୍ର.)

ସେମିଳିଗୁଡ଼ା ମହାବିଦ୍ୟାଳୟ ସଭାଗୃହରେ ଅଗ୍ନିଶମ ବାହିନୀ ତରଫରୁ ଏକ ସଚେତନତା ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାବେରୀ ବିଶ୍ୱାଳ, ଦେବୀ ପ୍ରସାଦ ଦାସ ଅଗ୍ନି ନିରାପତ୍ତା ସମ୍ପର୍କରେ ଆଲୋକପାତ କରିଥିଲେ। କୁନା ଦଳେଇ ଛାତ୍ରୀଛାତ୍ରଙ୍କୁ ଅଗ୍ନି ନିରାପତ୍ତା କୌଶଳ ଏବଂ ଯନ୍ତ୍ରପାତି ପ୍ରୟୋଗ ବିଷୟରେ ବୁଝାଇଥିଲେ। ଆଲୋକ କୁମାର ପାଣି, ସୁକେଶ ପ୍ରଧାନ, ଚିତ୍ତରଞ୍ଜନ ମିଶ୍ର, ରମାରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

### ରାମନାଗୁଡ଼ା ବିଡିଓ-ସରପଞ୍ଚ ବିବାଦ

# ବିଡିଓଙ୍କ ବିରୋଧରେ ପାଲଟା ଅଭିଯୋଗ କଲେ ସରପଞ୍ଚ

ଗୁଣପୁର,୨୫।୨(ଡି.ଏନ.ଏ)

ଗତ ଶୁକ୍ରବାର ରାୟଗଡା ଜିଲା ରାମନାଗୁଡା ପଞ୍ଚାୟତ ସମିତି ବୈଠକରେ ବିଡିଓ ଏବଂ ଗୁଲୁଣ୍ଡି ସରପଞ୍ଚଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା । ବୈଠକ ପରେ ସରପଞ୍ଚ ସୁଶୀଳା ନିମାଲା ଏବଂ ତାଙ୍କ ସ୍ୱାମୀ ମାଡ ମାରିଥିବା ବିଡିଓ ଶନିବାର ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ରବିବାର ବିଡ଼ିଓଙ୍କ ବିରୋଧରେ ସୁଶୀଳା ନିମାଲା ଗୁଣପୁର ଥାନାରେ ପାଲଟା ଅଭିଯୋଗ କରିବାକୁ ଯାଇଥିଲେ। ହେଲେ ପୋଲିସ ସେମାନଙ୍କ ଅଭିଯୋଗକୁ ଗ୍ରହଣ କରିବାକୁ ମନା କରିଦେଇଥିଲା । ଶେଷରେ ଡାକ ଯୋଗେ ବିଡିଓଙ୍କ ନାମରେ ଏତଲା ଥାନା ଏବଂ ଏସପିଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଥିବା ଜଣାପଡିଛି ।

# ଗାଡ଼ି ସହ ଗଞ୍ଜେଇ ଜବତ: ଜଣେ ଗିରଫ

ବୈପାରୀଗୁଡ଼ା,୨୫।୨(ଡି.ଏନ୍.ଏ.)



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ।

ମାଲକାନଗିରି ଜିଲା ଗୋବିନ୍ଦପାଲିରୁ ରାୟପୁର ଯାଉଥିବା ଓମ୍ନି (ସିଜି ୦୪ ଏଚ୍‌ବି ୦୩୧୦) ଗାଡ଼ିକୁ ବୈପାରୀଗୁଡା ପୋଲିସ୍ ଯାଞ୍ଚ କରିବା ପରେ ସେଥିରୁ ଗଞ୍ଜେଇ ଜବତ ହୋଇଛି। ଏଥିରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୋମବାର ସକାଳେ ଥାନାଠାରୁ ମାତ୍ର ଅଧା କିମି ଦୂର ମଶାଣିପଦା ନିକଟରେ ବିଏସ୍ଏଫ୍ ଯବାନମାନେ କୋମ୍ବିଂରେ ଯାଉଥିବା ବେଳେ ଉକ୍ତ ଗାଡ଼ି ଉପରେ ସନ୍ଦେହ ହେବାରୁ ତଲାସି ନେଇଥିଲେ। ଗାଡ଼ିରେ ଗଞ୍ଜେଇ ଥିବା ଜଣାପଡ଼ିବା ପରେ ଅଭିଯୁକ୍ତ ରଣବୀର ଟଣ୍ଡନ (୩୦) ଓ ଗଞ୍ଜେଇ ଗାଡ଼ିକୁ ଧରି ସେମାନେ ପୋଲିସ ଜିମା ଦେଇଥିଲେ। ପରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସଞ୍ଜିବ କୁମାର ସାହୁଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇ ଓଜନ କରାଯାଇଥିଲା। ୧୬ଟି ପଲିଥିନ ପ୍ୟାକେଟ୍‌ରେ ୪୫ କେଜି ୩ ଶହ ଗ୍ରାମ ଗଞ୍ଜେଇ ରହିଥିଲା। ଗିରଫ ଅଭିଯୁକ୍ତଙ୍କ ଘର ଛତିଶଗଡ଼ର ବଲୋଦା ବଜାର ଜିଲା ଅନ୍ତର୍ଗତ ବିଲାଇଗର ଥାନା ଘାନା ଗ୍ରାମ। ଘଟଣା ବେଳେ ଏସ୍ଆଇ ଶ୍ରୀକାନ୍ତ ସାହୁ ଓ ଏଏସ୍ଆଇ ଗୋପାଳ ବରାଡ଼ ଉପସ୍ଥିତ ଥିଲେ। ସୋମବାର ଯୋଗ ଦେଇଥିବା ନୂତନ ଥାନା ଅଧିକାରୀ ରମେଶ କୁମାର ଦେବତା ଘଟଣାର ତଦନ୍ତ କରୁଛନ୍ତି।

# ୧୭୫୩ ଜଣ ପାଇଲେ ଭୂମି ଅଧିକାର ପ୍ରମାଣପତ୍ର

କୋରାପୁଟ,୨୫।୨(ସ୍ୱ.ପ୍ର.)

କୋରାପୁଟ ପୌର ପରିଷଦ ଦ୍ୱାରା ଭୂମିହୀନ ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କରାଯାଇଛି । ସୋମବାର ସ୍ଥାନୀୟ ପୂଜାରୀପୁଟ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ୧୭୫୩ଟି ପରିବାରକୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। କୋରାପୁଟ ପୌର ପରିଷଦର ଓହିଆଗୁଡ଼ା, ସୁନାପୁର, ପୁକିଆଗୁଡ଼ା, ହାତୀଲାଇନ, ରାମନଗର, ମସିପୁଟ, ଟିକିରାସାହି, କନକ ଦୁର୍ଗା ମନ୍ଦିର ଲାଇନ, ତେନ୍ତୁଳିଗୁଡ଼ା, ଚିନ୍ଦିରି, କୁମ୍ଭା, ନାଳଚୁଆଁ କଲୋନି, ମାଳିଗୁଡ଼ା ଗ୍ରାମର ୧୭୫୩ଟି ପରିବାରକୁ ପ୍ରମାଣପତ୍ର ମିଳିଛି। କାର୍ଯ୍ୟକ୍ରମରେ ପୌର ପରିଷଦର ସିଇଓ ରଶ୍ମିତା ଦାସ, ସୀମାଞ୍ଚଳ ପଡ଼ିଆରୀ, ମହେନ୍ଦ୍ର କୁମାର ପଣ୍ଡ, ପରିକ୍ଷିତ ସାହୁ, ଶଶିକାନ୍ତ ସ୍ୱାଇଁ ଉପସ୍ଥିତ ଥିଲେ।

# ଗାଁ କଲ୍ୟାଣ ସମିତି , ଆଶାକର୍ମୀ ସମ୍ମିଳନୀ

କୁନ୍ଦୁରା,୨୫।୨(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ୍ ସଦର ମହକୁମାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝିଙ୍କ ଅଧ୍ୟକ୍ଷତାରେ ବ୍ଲକ୍‌ସ୍ତରୀୟ ଗାଁ କଲ୍ୟାଣ ସମିତି ବୈଠକ ଏବଂ ଆଶାକାର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପରଜା, ଆମ୍ବା ଅଧ୍ୟକ୍ଷ ଦୈତାରୀ ମଲ୍ଲିକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମୃତ୍ୟୁଞ୍ଜୟ ସାମଲ, ସପନ ପାଣିଗ୍ରାହୀ ଏବଂ ଏ. ବାରିକ୍ ପ୍ରମୁଖ ଯୋଗଦେଇଥିଲେ। ଗାଁ କଲ୍ୟାଣ ସମିତିରେ ଶ୍ରେଷ୍ଠ ଗ୍ରାମ ଭାବେ କନାଗୁଡ଼ା ଗ୍ରାମ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଛି। ଏହାସହ ଉଲ୍ଲେଖନୀୟ ଅବଦାନ ପାଇଁ ୧୨ ଜଣ ଆଶାକର୍ମୀଙ୍କୁ ବିଧାୟକ ପୁରସ୍କାର ପ୍ରଦାନ କରିଛନ୍ତି। ମୀନତି ବାହାଦୂର, ଗୀତା ସେଠୀ, ସ୍ୱର୍ଣ୍ଣଲତା ମଲାକର, ସରସ୍ୱତୀ ନାୟକ, ଶାନ୍ତିଲତା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ ।

### ପିଏମ୍ଆର୍‌ୱାଇରେ ଠିକାସଂସ୍ଥା ନାଁରେ ଅଭିଯୋଗ

# ନିମ୍ନମାନର କାମ, ଫଳକରେ ତଥ୍ୟ ନାହିଁ

ଜୟପୁର,୨୫।୨(ଡି.ଏନ୍.ଏ.)




ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ କୋରାପୁଟ ଜିଲା ପାଇଁ ୧ ହଜାର କିଲୋମିଟରରୁ ଅଧିକ ରାସ୍ତା ନିର୍ମାଣ ବିଭିନ୍ନ ପ୍ୟାକେଜ୍‌ରେ କାମ ହାତେଇ ନେଇଛି ରାଜ୍ୟ ବାହାରର ଘରୋଇ କମ୍ପାନୀ ଏନ୍‌ବିସିସି। କିନ୍ତୁ କମ୍ପାନି ନିମ୍ନମାନର କାର୍ଯ୍ୟ କରୁଥିବା ବେଳେ ସୂଚନା ଫଳକରେ ନିର୍ମାଣ ପ୍ରକଳ୍ପର ତଥ୍ୟ ଉଲ୍ଲେଖ କରୁନାହିଁ। ଜିଲାର ଅଧିକାଂଶ ବ୍ଲକ୍‌ରେ ଏଭଳି ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଜୟପୁର ବ୍ଲକ ରଣ୍ଡାପାଲି ପଞ୍ଚାୟତ ସଦର ୨୬ ନମ୍ବର ଜାତୀୟ ରାଜପଥରୁ କେବିଡି ପଞ୍ଚାୟତର ବିଭିନ୍ନ ଗ୍ରାମ ଦେଇ ଗଡ଼ପଦର ପଞ୍ଚାୟତ ତାଡ଼ପାଣିକୁ ସଂଯୋଗ ପାଇଁ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଛି। ୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୨.୬ କିଲୋମିଟର ରାସ୍ତାର ନିର୍ମାଣ କାର୍ଯ୍ୟ ଯୋଜନା ରହିଛି। ତେବେ ଏହି କାର୍ଯ୍ୟ ପାଇଁ ସୂଚନା ଫଳକରେ ଅଟକଳ ମୂଲ୍ୟ, କାର୍ଯ୍ୟ ଆରମ୍ଭ ଓ ଶେଷହେବାର ଧାର୍ଯ୍ୟ ତାରିଖ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରାଯାଉ ନାହିଁ। ଏନ୍‌ବିସିସି ଏହି କାର୍ଯ୍ୟକୁ ସରକାରଙ୍କଠାରୁ ନେବା ପରେ ଏସ୍ଏନ୍ଏସ୍ ଇନଫ୍ରା ନାମକ ଏକ ସବଲେଟ୍ ଠିକାସଂସ୍ଥାକୁ ପ୍ରଦାନ କରିଛି। କମ୍ପାନି ନିମ୍ନମାନର ରାସ୍ତାକାମ କରୁଥିବା କୋରାପୁଟ ଜିଲାର ଜୟପୁର, କୋଟପାଡ଼ ଓ ପଟ୍ଟାଙ୍ଗି ବିଧାୟକ ପୂର୍ବରୁ ଦର୍ଶାଇଛନ୍ତି। ତୁରନ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ସେମାନେ ବର୍ଷକ ତଳେ ରାଜ୍ୟ ସରକାରଙ୍କୁ ଅଭିଯୋଗ କରିଥିଲେ। ସୂଚନା ଫଳକରେ ତଥ୍ୟ ଉଲ୍ଲେଖ ନ ଥିବା ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଆର.ଏନ୍. ମହରଣାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଏନେଇ ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବେ। ସୂଚନା ଫଳକରେ କାର୍ଯ୍ୟ ସମ୍ପର୍କିତ ତଥ୍ୟ ଉଲ୍ଲେଖ କରିବା ପାଇଁ ଉକ୍ତ କମ୍ପାନୀକୁ ନିର୍ଦ୍ଦେଶ ଦିଆଯିବ। ଅନ୍ୟପକ୍ଷରେ ଜିଲାରେ ଚାଲିଥିବା ଏକ ହଜାରରୁ ଊର୍ଦ୍ଧ୍ୱ କିଲୋମିଟର ରାସ୍ତାର ନିର୍ମାଣ କାମ ତଦାରଖ ପାଇଁ କମ୍ପାନିର ଜଣେ ମାତ୍ର କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ କରୁଛନ୍ତି । ଅନ୍ୟପକ୍ଷରେ ଏନ୍‌ବିସିସି କମ୍ପାନି ବାହାର ରାଜ୍ୟର ଯୁବକଙ୍କୁ ସୁପରଭାଇଜର ଓ ଅନ୍ୟ କର୍ମଚାରୀ ଭାବେ ନିଯୁକ୍ତି ଦେଉଥିବା ବେଳେ ସ୍ଥାନୀୟ ଯୁବକଙ୍କୁ ସୁଯୋଗ ମିଳୁନାହିଁ। ରାଜ୍ୟର କିମ୍ବା ସ୍ଥାନୀୟ ଠିକାଦାରଙ୍କୁ ପ୍ରୋତ୍ସାହନ ବଦଳରେ ବାହାର ରାଜ୍ୟର କମ୍ପାନିକୁ ୫ କୋଟି ଟଙ୍କାର ପ୍ରକଳ୍ପ କାମ ଦିଆଯିବା ଓ କମ୍ପାନି ନିମ୍ନମାନର କାମ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

**ସଂକ୍ଷେପରେ**

## ଓଲଟିଲା ଡିଜେଲ ଟ୍ୟାଙ୍କର, ତେଲ ବୋହିଲେ ଲୋକେ



ଧୋଡ୍ରା, ୨୫।୨(ଡି.ଏନ.ଏ)- ନବରଙ୍ଗପୁରଠାରୁ ଉମରକୋଟ ରାସ୍ତାର ଚାଟିଗୁଡା ନିକଟରେ ସୋମବାର ସକାଳେ ଡିଜେଲ ଟ୍ୟାଙ୍କର (ନଂ.ଏନଏଲ-୦୧ଏସି-୭୪୮୭) ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଗାଡିରୁ ଡିଜେଲ ଲିକ ହୋଇ ରାସ୍ତା ଉପରେ ବୋହିଥିଲା । ସ୍ଥାନୀୟ ଲୋକ ଏହା ଦେଖି ଡିଜେଲକୁ ହାଣ୍ଡି, ଡେକଚି, ଜାରକିନରେ ବୋହି ନେଇଥିଲେ। ଖବର ପାଇଁ ଡାବୁଗାଁ ପୋଲିସ ପହଞ୍ଚି ଲୋକମାନଙ୍କୁ ଡିଜେଲ ନେବାକୁ ମନା କରିବା ସହ ଗାଡିକୁ ଉଠାଇବା ବ୍ୟବସ୍ଥା କରିଥିଲେ।

## ସାଇବର ଆଇନକୁ ନେଇ ସଚେତନତା ଶିବିର



ନବରଙ୍ଗପୁର, ୨୫।୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଆଇନ ସେବାର ପ୍ରାଧିକରଣ ତରଫରୁ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ପ୍ରକୋଷ୍ଠରେ ସାଇବର ଆଇନ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଜଜ୍ ରାଜେନ୍ଦ୍ର ପାଣିଗ୍ରାହୀ ଯୋଗଦେଇଥିଲେ । ଅନ୍ୟ ଅତିଥି ରୂପେ ପରିବାର ବିଚାର ବିଭାଗୀୟ ଜଜ୍ ବିକ୍ରମ ପ୍ରଧାନ, ରେଜିଷ୍ଟ୍ରାର ମନୋରଞ୍ଜନ ଦାସ, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୋମ୍ୟ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ । ଜିଲା ଜଜ ରାଜେନ୍ଦ୍ର ପାଣିଗ୍ରାହୀ ସାଇବର ଆଇନ ଓ କ୍ଲେମସ ଟ୍ରିବୁନାଲ ଏଗ୍ରୀଡ ପ୍ରୋସିଡିୟର ବିଷୟରେ ଆଲୋକପାତ କରିଥିବା ସହ କିପରି ଏହି ଆଇନରେ ପାଳନ ହେବ ସେ ନେଇ ଆଇନଜୀବୀ, ପୋଲିସ ଅଫିସର ଓ ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କୁ ବୁଝାଇଥିଲେ । ସାଇବର ଓ୍ୱାଲ୍ଡ ଠାରୁ ନିଜକୁ କିପରି ଦୂରେଇ ରଖିବେ ସେ ନେଇ ବିଶେଷ କରି ଧାନ ଦେବାକୁ କହିଥିଲେ । ଆଇନଜୀବୀ ଶିରାଜୁଦ୍ଦିନ ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ ନାଗରିକ କଲ୍ୟାଣ ସମିତି ଗଠିତ

କାଶୀନଗର, ୨୫।୨(ଡି.ଏନ୍.ଏ.)- କାଶୀନଗର ବରିଷ୍ଠ ନାଗରିକ ଓ ପେନ୍ସନଧାରୀଙ୍କୁ ନେଇ ବରିଷ୍ଠ ନାଗରିକ କଲ୍ୟାଣ ସମିତି ଗଠନ କରାଯାଇଛି। ଏହି ସଙ୍ଗଠନ ବରିଷ୍ଠ ନାଗରିକଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଛି। ଆଗାମୀ ମାସରେ ଏକ ସ୍ୱାସ୍ଥ୍ୟ ଶିବିର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ସଙ୍ଗଠନର କର୍ମକର୍ତ୍ତା ଚୟନ କରାଯାଇଛି। କବିରାଜ ରାମନାଥ ପାତ୍ର ଓ ରଘୁନାଥ ପଟ୍ଟନାୟକ ଉପଦେଷ୍ଟା, ହୃଷୀକେଶ ଗୌଡ଼ ଆବାହକଭାବେ ମନୋନୀତ ହୋଇଥିଲେ। କୃଷ୍ଣଚନ୍ଦ୍ର ପ୍ରଧାନ ସଭାପତି, କେ.ରାମାରାଓ କାର୍ଯ୍ୟକାରୀ ସଭାପତି, ଭି. ଧର୍ମରାଜୁ କୋଷାଧକ୍ଷ, ପ୍ରଦ୍ୟୁମ୍ନ ବେହେରା ସମ୍ପାଦକ, ସିପୁର ମୀନାରାଓଙ୍କୁ ସହ ସମ୍ପାଦକ ଭାବେ ଚୟନ କରାଯାଇଛି।

### ଭାଜପା ଦକ୍ଷତା ବିକାଶ କାର୍ଯ୍ୟକ୍ରମ

## ଜିଲାର ବେକାରି ସମସ୍ୟା ଦୂର ଲକ୍ଷ୍ୟ

ପାରଳାଖେମୁଣ୍ଡି, ୨୫।୨ (ସ୍ୱ.ପ୍ର.) ପାରଳାଖେମୁଣ୍ଡି ରାଜନଅର ନିକଟ ଶ୍ରୀ ଶୌଲମ କଲ୍ୟାଣ ମଣ୍ଡପରେ ଜିଲା ଭାଜପା ପକ୍ଷରୁ ଯୁବ ଗୋଷ୍ଠୀଙ୍କ ପାଇଁ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ବେକାର ଯୁବତୀଯୁବକ ଯୋଗ ଦେଇଥିଲେ। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନ୍ଫରେନ୍ସିରେ ଶିବିରାର୍ଥୀଙ୍କୁ ଦକ୍ଷତା ବିକାଶ ନେଇ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମ ଯୋଗୁ ଜିଲାରେ ବେକାରି ସମସ୍ୟା ବହୁ ମାତ୍ରାରେ ଦୂର ହୋଇପାରିବ ବୋଲି ଭାଜପା କହିଛି। କାର୍ଯ୍ୟକ୍ରମରେ ଜିଲା ଭାଜପାର ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସିଦ୍ଧେଶ୍ୱର ମିଶ୍ର, ଜିଲା ସମ୍ପାଦକ ଗୌରାଙ୍ଗ ଗୌଡ, ଜିଲା ଉପସଭାପତି ଅରୁଣ କୁମାର ପଟ୍ଟନାୟକ, ନେତ୍ରୀ ଅରୁଣୀମା ସାହୁ ଉପସ୍ଥିତ ଥିଲେ।

### କାର୍ଯ୍ୟକାରୀ ହେଉନି ରାଜ୍ୟ ମାଧ୍ୟମିକ ବୋର୍ଡ ନିଷ୍ପତ୍ତି

# ପରୀକ୍ଷା ଦେବାକୁ ୨୭ କିମି ଯାଉଛନ୍ତି ପରୀକ୍ଷାର୍ଥୀ

■ ୯ ବର୍ଷ ହେଲା ପରୀକ୍ଷାର୍ଥୀ ଭୋଗୁଛନ୍ତି ସମସ୍ୟା
■ କେନ୍ଦ୍ର ନିକଟରେ ରହିବା ପାଇଁ ଘର ମିଳୁନି

ଝରିଗାଁ, ୨୫।୨(ସ୍ୱ.ପ୍ର)

ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା କେନ୍ଦ୍ର ସ୍କୁଲ ଠାରୁ ୫ କି.ମି ବ୍ୟବଧାନ ମଧ୍ୟରେ କରାଯିବା ନେଇ ଓଡିଶା ମାଧ୍ୟମିକ ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଶିକ୍ଷା ବିଭାଗର ଖାମଖିଆଲି ମନୋଭାବ ଯୋଗୁଁ ବାସ୍ତବରେ ରାଜ୍ୟ ମାଧ୍ୟମିକ ବୋର୍ଡର ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏପରିକି ସ୍କୁଲ ଠାରୁ ୨୭ କି.ମି ଦୂରରୁ ଆସି ଛାତ୍ରୀଛାତ୍ରମାନେ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ୯ ବର୍ଷ ହେଲା ଏପରି ସମସ୍ୟା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ।

ଚଳିତ ବର୍ଷ ଝରିଗାଁ ବ୍ଲକରେ ୧୨୨୮ ଛାତ୍ରୀଛାତ୍ର ୭ ଟି କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ଝରିଗାଁ, କୁସୁମି, ବେଲଗାଁ, କୋଦଭଟ୍ଟା, ପୁର୍ଲା, ଧୋଡ୍ରା ଏବଂ ଧାମନାଗୁଡା ଠାରେ ପରୀକ୍ଷା କେନ୍ଦ୍ର ହୋଇଛି। ତେବେ ଏହି କେନ୍ଦ୍ରକୁ ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ରମାନେ ୧୮ରୁ ୨୭ କି.ମି ଦୂରରୁ ଆସିବାକୁ ପଡୁଛି। ପାଲିଆ ପଞ୍ଚାୟତର ରାମସା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୪୧ ଛାତ୍ରୀଛାତ୍ର ନିଜ ବିଦ୍ୟାଳୟ ଠାରୁ ୧୪ କିମି ଦୂରତାରେ ରହିଥିବା ଧାମନାଗୁଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଉଛନ୍ତି। ସେହିପରି ତେଲନଦୀ ପଞ୍ଚାୟତ ସଦର ହାଇସ୍କୁଲର ୧୮ ଛାତ୍ରୀ ୪ ଛାତ୍ର ନିଜ ସ୍କୁଲ ଠାରୁ ପ୍ରାୟ ୧୮ କି.ମି ଦୂରରେ ରହିଥିବା କୁସୁମି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଉଛନ୍ତି। ଚଟା ଗ୍ରାମରେ ରହିଥିବା ଉଚ୍ଚ ବିଦ୍ୟାଳୟର ୩୧ ଛାତ୍ରୀଛାତ୍ର ଏବଂ ଚଟା ଆଶ୍ରମ ବିଦ୍ୟାଳୟର ୩୧ ଛାତ୍ରୀ ନିଜ ବିଦ୍ୟାଳୟ ଠାରୁ ପ୍ରାୟ ୧୨ କି.ମି ଦୂରତାରେ ରହିଥିବା ଝରିଗାଁ ସରକାରୀ ନୂତନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ପରୀକ୍ଷା ଦେଉଛନ୍ତି। ସେହିପରି ଝରିଗାଁ ବ୍ଲକର ଚକଲାପଦର ପଞ୍ଚାୟତରେ ରହିଥିବା କଂଗ୍ରା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୫ ଛାତ୍ରୀଙ୍କ ସହ ୧୩ ଛାତ୍ର ନିଜ ସ୍କୁଲ ଠାରୁ ୨୭ କିମି ଦୂରତାରେ ରହିଥିବା ବେଲଗାଁ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। କଂଗ୍ରା ଉନ୍ନୀତ ଉଚ୍ଚ ବିଦ୍ୟାଳୟର କିଛି ପରୀକ୍ଷାର୍ଥୀଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେମାନେ କହିଥିଲେ ଯେ, ଏତେ ଦୂରରୁ ଆସି ପରୀକ୍ଷା ଦେବା ଯୋଗୁ ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେବାକୁ ପଡିଛି। ଯାତାୟାତ କରିବା ସହ ବେଲଗାଁ ଗ୍ରାମରେ ରହିବା ନେଇ ଘର ମିଳୁ ନାହିଁ। ଏଣୁ ବାଧ ହୋଇ ଗ୍ରାମରେ ରହିଥିବା ଅଲେଖ ମହିମା ଟୁଙ୍ଗିରେ ରହି ନିଜେ ରୋଷେଇ କରିବା ସହ ପରୀକ୍ଷା ଦେବାକୁ ପଡୁଛି। କଂଗ୍ରା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ମାଟ୍ରିକ ଛାତ୍ରୀଛାତ୍ରମାନେ ୯ ବର୍ଷ ହେଲାଣି ଏହିପରି ସମସ୍ୟାର ସମ୍ମୁଖିନ ହେଉଛନ୍ତି। କଂଗ୍ରା, ରାମସା, ଚଟା ଆଦି ଆଭ୍ୟନ୍ତରଣ ଅଞ୍ଚଳର ମାଟ୍ରିକ ପରିକ୍ଷାର୍ଥୀଙ୍କ ପ୍ରତି ଶିକ୍ଷା ବିଭାଗ ବୈମାତୃକ ମନୋଭାବ ରହିଥିବାରୁ ସମସ୍ୟାର ସମ୍ମୁଖିନ ହେଉଥିବା ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏନେଇ ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ ମୋବାଇଲ ରିଙ୍ଗ ହୋଇଥିଲା କିନ୍ତୁ ସେ ରିସିଭ କରି ନ ଥିଲେ।



ପରୀକ୍ଷା କେନ୍ଦ୍ରକୁ ଛାତ୍ରୀଛାତ୍ରମାନେ ଯିବା ପୂର୍ବରୁ ଶିକ୍ଷୟିତ୍ରୀଶିକ୍ଷକମାନେ କପି ଯାଞ୍ଚ କରୁଛନ୍ତି।



ଅଲେଖ ମହିମା ଟୁଙ୍ଗିରେ ରହିଥିବା କଂଗ୍ରା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପରୀକ୍ଷାର୍ଥୀ

## ଦକ୍ଷତା ଅଭିବୃଦ୍ଧି ତାଲିମ ଶିବିର



ଡାବୁଗାଁ, ୨୫।୨ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ କୃଷି, ସୂଚନା ଓ ପରାମର୍ଶ କେନ୍ଦ୍ର ଠାରେ ଜିଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ଓ ସ୍ୱାଇଲ ଅନୁଷ୍ଠାନର ମିଳିତ ଆନୁକୁଲ୍ୟରେ ଗୋ-ପାଳନ ବିଷୟରେ ଆତ୍ମ ନିଯୁକ୍ତି ନିମନ୍ତେ ଦକ୍ଷତା ଅଭିବୃଦ୍ଧି ତାଲିମ ଶିବିର ସୋମବାର ଉଦଘାଟିତ ହୋଇଯାଇଛ। ଏଥିରେ ଡାବୁଗାଁ ବିଡିଓ ରଞ୍ଜିତା ମେରୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତାଲିମ ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ ଉପସ୍ଥିତ ଥିଲେ । ଗୋ-ପାଳନର ଆବଶ୍ୟକତା, ଉନ୍ନତ ଗୁହାଳ ନିର୍ମାଣ ଓ ଗାଈଗୋରୁଙ୍କ ଟୀକାକରଣ ବିଷୟରେ ଗୋପାଳକ ମାନଙ୍କୁ ତାଲିମ ଦିଆଯାଇଥିଲା। ଏଥିରେ ୨୦ ଜଣ ଗୋପାଳକ ତାଲିମ ନେଉଛନ୍ତ। ପ୍ରଶିକ୍ଷକ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ବିଧୂତ ଶେଖର ମିଶ୍ର ଓ ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡା. ସାରସ୍ୱତ ସାହୁ ଚାଷୀ ମାନଙ୍କୁ ତାଲିମ ଦେଇଥିଲେ । ଏହି ତାଲିମ ଶିବିର ଆସନ୍ତା ୧ ତାରିଖରେ ଶେଷ ହେବ।

## ସାମାଜିକ ସମୀକ୍ଷା ସମ୍ପର୍କିତ ଗ୍ରାମସଭା



ଗ୍ରାମ ସଭାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

ଡାବୁଗାଁ, ୨୫।୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅଧୀନ ବାଙ୍କୁଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପଞ୍ଚାୟତ ଓ ସାମାଜିକ ଅନୁଷ୍ଠାନ ସ୍ରେଡର ମିଳିତ ସହଯୋଗରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ସାମାଜିକ ସମୀକ୍ଷା ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରପଞ୍ଚ ପଦ୍ମିନୀ ଭତ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ, ମଧ୍ୟାହ୍ନ ଭୋଜନ, ପିଡିଏସ ଓ ମମତା ଯୋଜନା ଉପରେ ଆଲୋଚନା ହୋଇଥିଲା । ଏଥିରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଗୁଡିକ ଉପରେ ଆଲୋଚନା ହୋଇଥିଲା। ଏହା ସହ ୨୦୧୩ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଗ୍ରାମସଭାରେ ସିଡିପିଓ ନିବାସିନୀ ବିଶ୍ୱାଳ, ଅଙ୍ଗନୱାଡି ସୁପରଭାଇଜର କୁମାରୀଦେଇ ଖରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ସଦନ ଭତ୍ରା, ପଞ୍ଚାୟତ ସଂଯୋଜକ ଅସ୍ତୁ ସତନାମୀ, ହରିଶ୍ଚନ୍ଦ୍ର ହରିଜନ, ଥବୀର ଜାନୀ ଓ ଧନୁର୍ଜୟ ମାଳୀ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ୱାର୍ଡ ସଭ୍ୟାସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ସ୍ରେଡର ବ୍ଲକ ସଂଯୋଜକ ପ୍ରଭାତ ପଣ୍ଡା ପରିଚାଳନା କରିଥିଲେ।

## ବିଜେଡି କର୍ମୀ ସମାବେଶ

ଡାବୁଗାଁ, ୨୫।୨(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ଡାବୁଗାଁ ପଞ୍ଚାୟତ ଅଧୀନ ଚେରଚେଟିଆଗୁଡା ଗ୍ରାମରେ ବିଜେଡି ତରଫରୁ ଏକ କର୍ମୀ ସମ୍ମିଳନୀ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ କର୍ମୀଙ୍କ ସହ ଆଲୋଚନା କରଯାଇଥିଲା। ଏହା ସହ ଆଗାମୀ ୨୦୧୯ ସାଧାରଣ ନିର୍ବାଚନ ପାଇଁ ତୃଣମୂଳ ସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଯୋଜନା ବୋର୍ଡ ଅଧକ୍ଷ ମନୋହର ରନ୍ଧାରୀ, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ମୋତିରାମ ନାୟକ, ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ନିବେଦିତା ମହାନ୍ତି, ଜିଲା ପରିଷଦ ଅଧକ୍ଷା ଭଗବତୀ ଭତ୍ରା, ଡାବୁଗାଁ ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ଅଶୋକ କୁମାର ମୂର୍ତ୍ତି, ପାପଡାହାଣ୍ଡି ବ୍ଲକ ପୂର୍ବତନ ଅଧକ୍ଷ ଲିଙ୍ଗରାଜ ଭତ୍ରା, ଏମପି ପ୍ରତିନିଧି ଏମ. ଆପ୍ପା ରାଓ, ଲ୍ୟାମ୍ପସ ସଭାପତି ଇନ୍ଦ୍ର ଭତ୍ରା, ପଞ୍ଚାୟତ ସଭାପତି ହିରଣ୍ୟ ମାଝୀ, ଜି. ପ୍ରକାଶ ରାଓ, ଟି. ଜୁଗୁନୁ ବାବୁ, ପି. ନାଗା ରାଓ, ଆର.ପ୍ରକାଶ ରାଓ, ଗେଦୁ ପଟ୍ଟନାୟକ, ଏମ୍.ଭାସ୍କର ରାଓ ଯୋଗ ଦେଇଥିଲେ।



## ଅଧିକାର ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବନ ଅଧିବାସୀ

ଉମରକୋଟ, ୨୫।୨(ଡି.ଏନ.ଏ)

ଜଙ୍ଗଲ ଅଧିକାର ଆଇନ ୨୦୦୬ ଅଧୀନରେ ଯେଉଁ ଆଦିବାସୀ ଓ ପାରମ୍ପାରିକ ବନବାସୀଙ୍କ ଆବେଦନ ଖାରଜ ହୋଇଛି ସେମାନଙ୍କୁ ଜଙ୍ଗଲ ଅଞ୍ଚଳରୁ ହଟାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଜଙ୍ଗଲ ମଧ୍ୟରେ ଅନାଧିକାର ଭାବେ ବସବାସ କରୁଥିବା ଜନସାଧାରଣ କ୍ଷତିଗ୍ରସ୍ତ ହେବେ ବୋଲି ଏକ ଖବରଦାତା ସମ୍ମିଳନୀରେ ଆଦିବାସୀ ଜନଜାତି ଅଧିକାର ମଞ୍ଚର ରାଷ୍ଟ୍ରୀୟ ଅଧକ୍ଷା ହାରବତୀ ଗଣ୍ଡ କହିଛନ୍ତି। ସରକାରୀ ଆକଳନ ଅନୁଯାୟୀ ୧୧ଲକ୍ଷରୁ ଊର୍ଦ୍ଧ୍ୱ ଆଦିବାସୀଙ୍କୁ ଉଚ୍ଛେଦ କରାଯିବ। ତେବେ ଦୀର୍ଘଦିନ ଧରି ଜଙ୍ଗଲରେ ବସବାସ କରି ଜଙ୍ଗଲ ଉପରେ ନିର୍ଭର କରି ଆସୁଥବା ଆଦିବାସୀ ପରିବାର ଯିବେ କୁଆଡେ। ବନବାସୀଙ୍କ ଉପରେ ହେଉଥିବା ଜୁଲମ ଦୂର କରିବା ଉଦ୍ଦେଶ୍ୟରେ ୨୦୦୬ରେ ସଂସଦରେ ଏହି ଆଇନ ପ୍ରଣୟନ କରାଯାଇଥିଲା। ଜଙ୍ଗଲରେ ଜୀବିକା କରୁଥିବା ବନବାସୀଙ୍କ ବଞ୍ଚିବାର ଅଧିକାରକୁ ଛଡାଇ ନେଉଛନ୍ତି। ଜଙ୍ଗଲ ସମସ୍ତଙ୍କ ଆବଶ୍ୟକତା ରହିଛି। ପରିବେଶ ସୁରକ୍ଷା କରାଯାଉ କିନ୍ତୁ ଆଦିବାସୀ ଓ ବନବାସୀଙ୍କୁ ଜଙ୍ଗଲ ମଧ୍ୟରୁ ତଡି ସୁରକ୍ଷା କରାଗଲେ ବନବାସୀ ଜୀବିକା ହରାଇ ବସିବେ। ଫେବୃୟାରୀ ୧୩ ତାରିଖରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶର ପୁର୍ନବିଚାର କରନ୍ତୁ ବୋଲି ହାରବତୀ କହିଛନ୍ତି । ଆଦିବାସୀ ଜନମଞ୍ଚର ସଭ୍ୟ ରବି ସମରଥ, ଦୁରସାଇ ନାୟକ ଉପସ୍ଥିତ ଥିଲେ।





ଜନଜାତି ଅଧିକାର ମଞ୍ଚର ରାଷ୍ଟ୍ରୀୟ ଅଧକ୍ଷା ହାରବତୀ ଗଣ୍ଡ ଓ ଅନ୍ୟମାନେ।

## ଏବିଭିପିର ଛାତ୍ର ଅଧିକାର ସମ୍ମିଳନୀ

ନବରଙ୍ଗପୁର, ୨୫।୨(ବି.ପ୍ର.)

ସ୍ଥାନୀୟ ଶାସ୍ତ୍ରୀ ଭବନ ଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଶିକ୍ଷା ସୁରକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ପାଇଁ ଜିଲାସ୍ତରୀୟ ଛାତ୍ର ଅଧିକାର ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଆଇନଜୀବୀ ସଂଘର ସଭାପତି ନରସିଂହ ନାଥ ତ୍ରିପାଠୀ ଯୋଗ ଦେଇ ଛାତ୍ରସମାଜ ଦେଶ ଗଠନରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଜିଲାର ଶିକ୍ଷା ବ୍ୟବସ୍ଥାନେଇ ସେ ଅସନ୍ତୋଷ ପ୍ରକାଶ କରିବା ସହ ଦୀର୍ଘ ବର୍ଷ ପରେ ମଧ ନବରଙ୍ଗପୁର କଲେଜ ସରକାରୀ ହୋଇନଥିବା କହିଥିଲେ । ସେହିଭଳି ଜିଲାର ସ୍ୱାସ୍ଥ୍ୟ ବ୍ୟବସ୍ଥା ମଧ ଠିକ ନଥିବା ବେଳେ ବହୁ ଡାକ୍ତର ପଦବୀ ଖାଲି ପଡିଛି । ଏହାସହିତ ବେକାରୀ ସମସ୍ୟା ବୃଦ୍ଧି ନେଇ ଉଦବେଗ ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବେ ସାଇକେୟାର ଏଜୁକେସନର ନିର୍ଦ୍ଦେଶକ ଦୁର୍ଗା ପ୍ରସାନ ପାଢୀ ଛାତ୍ର ସମାଜ ପାଠ ପଢା ସହ ଦେଶ ପାଇଁ ସେବା କରିବା ଆବଶ୍ୟକତା ରହିଥିବା କହିଥିଲେ । ଅନ୍ୟତମ ଅତିଥି ପ୍ରଦୀପ କୁମାର ତ୍ରିପାଠୀ ଯୋଗ ଦେଇ ଏବିଭିପିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ଭାବେ ଖବରଦାତା ବାଙ୍କବିହାରି ବିଷୋୟୀ ଯୋଗ ଦେଇ ଦେଶ ମାତୃକ ସେବା ପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । କୋରାପୁଟ ବିଭାଗର ସଙ୍ଗଠନ ସମ୍ପାଦକ ଦେବାଶିଷ ଦାଶ କାର୍ଯ୍ୟ କ୍ରମ ପରିଚାଳନା କରିଥିବା ବେଳେ ଆନନ୍ଦ ଭାଇ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବିଭିନ୍ନ କଲେଜର ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

## ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ନୂଆ ବସ୍‌ଷ୍ଟାଣ୍ଡ



ଯାତ୍ରୀ ବିଶ୍ରାମାଗାର ଛାତ ଉପରେ ଥିବା ମଦ ବୋତଲ।

ପାରଳାଖେମୁଣ୍ଡି, ୨୫।୨(ସ୍ୱ.ପ୍ର.)

ପାରଳାଖେମୁଣ୍ଡି ନୂତନ ବସ୍‌ଷ୍ଟାଣ୍ଡ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସନ୍ଧ୍ୟା ହେବା ମାତ୍ରକେ ପୌରପରିଷଦ ଯାତ୍ରୀ ବିଶ୍ରାମାଗାର ଛାତ ଉପରେ ଅସାମାଜିକ ବ୍ୟକ୍ତିମାନେ ମଦ ପିଉଥିବା ନେଇ ଅଭିଯୋଗ ହୋଇଛି। ରାତ୍ରି ପର୍ଯ୍ୟନ୍ତ ସେଠାରେ ଏଭଳି ଆଡ୍ଡା ଜମୁଥାଏ। ଏହି ବସ୍‌ଷ୍ଟାଣ୍ଡରୁ ବିଶେଷକରି ରାତିରେ ହିଁ ଭୁବନେଶ୍ୱର, କଟକ, ବ୍ରହ୍ମପୁର, କୋରାପୁଟ, ନବରଙ୍ଗପୁର, ଭବାନୀପାଟଣା, ବିଶାଖାପାଟଣା, ଶ୍ରୀକାକୁଲମ ଆଦି ସ୍ଥାନକୁ ବସ୍ ବାହାରିଥାଏ। ଫଳରେ ନିଜକୁ ସୁରକ୍ଷିତ ମଣୁ ନ ଥିବା ଯାତ୍ରୀମାନେ କହିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

### କଂଗ୍ରେସର କର୍ମୀ ସମ୍ମିଳନୀ

## ନିର୍ବାଚନରେ ଦଳକୁ ଜିତାଇବାକୁ ଆହ୍ୱାନ

କାଶୀନଗର, ୨୫।୨(ଡି.ଏନ୍.ଏ.)

ଗଜପତି ଜିଲା କାଶୀନଗର ବ୍ଲକ ଭେଙ୍କଟେଶ୍ୱର ମନ୍ଦିରରେ ଜିଲା କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲା ପଛୁଆବର୍ଗ ସେଲ୍ ସଭାପତି କେ.ଜୀବରତ୍ନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ କଂଗ୍ରେସ ନେତା ତିରୁପତି ପାଣିଗ୍ରାହୀ ଯୋଗଦେଇଥିଲେ। ଆଗାମୀ ନିର୍ବାଚନରେ କଂଗ୍ରେସକୁ ବିଜୟୀ କରିବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସେବା ଦଳ କେ.ରାମାରାଓ ମଧ ସମ୍ମିଳନୀରେ ଉପସ୍ଥିତ ଥିଲେ। ଏହି ଅବସରରେ ୧୦, ୧୧, ଓ ୧୨ ନଂ ୱାର୍ଡର କେତେକ ଲୋକ କଂଗ୍ରେସରେ ମିଶିଥିଲେ।



ଅତିଥିଙ୍କ ଗହଣରେ ଦଳରେ ମିଶିଥିବା ନୂତନ କର୍ମୀ।

## ଜଳସେଚନ, ଥଇଥାନକୁ ନେଇ ଭାଜପାର ଘେରାଉ

ନବରଙ୍ଗପୁର, ୨୫।୨(ବି.ପ୍ର.)

ଜଳସେଚନ, ଥଇଥାନ ଓ ଶିକ୍ଷା ବ୍ୟବସ୍ଥାକୁ ନେଇ ଭାଜପାର ଗୌରୀ ମାଝୀ ଓ ଜିଲା ଯୁବ ମୋର୍ଚ୍ଚା ସଭାପତି କାହ୍ନୁ ଦାଶଙ୍କ ନେତୃତ୍ୱରେ ବିଭାଗୀୟ କାର୍ଯ୍ୟାଳୟମାନ ସୋମବାର ଘେରାଉ କରାଯାଇଛି । ଭୂମିହୀନ ମାନେ ଯେଉଁ ସ୍ଥାନରେ ଦୀର୍ଘ ବର୍ଷ ହେବ ବସବାସ କରି ନିଜର ଜୀବୀକା ଉପାର୍ଜନ କରୁଛନ୍ତି ସେହି ସ୍ଥାନରୁ ହଟାଇ ସେଠାରେ ଷ୍ଟଲ ନିର୍ମାଣ ପାଇଁ ପୌର ସଂସ୍ଥା ଯେଉଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ତାହାକୁ ଭାଜପା ପକ୍ଷରୁ ତୀବ୍ର ବୀରୋଧ କରାଯାଇଛି । ଆଶିର୍ବାଦ କଲ୍ୟାଣ ମଣ୍ଡପ ପଛ ପାଖ ଓ ଲୋହରା ସାହି ଲୋକ ଜମି ପଟ୍ଟା ଏଯାଏ ପାଇ ପାରିଲେ ନାହିଁ । ଉକ୍ତ ସାହି ବାସିନ୍ଦାଙ୍କୁ ଅନ୍ୟତ୍ର ଜମି ଦିଆଯିବ। ଉକ୍ତ ସ୍ଥାନକୁ ଖାଲି କରି ପରେ ଷ୍ଟଲ ନିର୍ମାଣ କରାଯିବା ଖବର ପାଇ ଉକ୍ତ ଦୁଇ ସାହି ବାସିନ୍ଦାଙ୍କ ସମେତ ଭାଜପା କର୍ମକର୍ତ୍ତା ମାନେ ପୌର ସଂସ୍ଥା ଘେରାଉ କରିଥିଲେ । ଏନେଇ ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ ମ୍ୟାପ ଓ ଆରଓଆର କାଢି ତାହାର ପଦକ୍ଷେପ ନେବେ ବୋଲି କହିଥିଲେ । ସେହିଭଳି ଉଠାଜଳସେଚନ ବିଭାଗରେ ଗଭୀର ନଳକୂପ ଖନନ ପାଇଁ ଚାଷୀ ଜାନୁୟାରୀ ୨୦୧୭ରୁ ଟଙ୍କା ଜମା କରି ଦୀର୍ଘ ୨ ବର୍ଷ ବିତିଗଲାଣି । ଗଭୀର ନଳକୂପ ଖନନ ହୋଇ ପାରୁ ନାହିଁ । ନବରଙ୍ଗପୁର ବ୍ଲକ ବାସିନୀ ପଞ୍ଚାୟତରେ ୪୫ ଜଣ ଚାଷୀ ଟଙ୍କା ଜମା କରି କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହେବା ପରେ ଭାଜପା ଯୁବ ମୋର୍ଚ୍ଚା ସଭାପତି ତଥା ସମିତି ସଭ୍ୟ କାହ୍ନୁ ଦାଶଙ୍କୁ ଜଣାଇଥିଲେ । ଏନେଇ ଚାଷୀଙ୍କ ସମେତ ଭାଜପାର ଗୌରୀ ମାଝୀ, ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ, ନଗର ମୋର୍ଚ୍ଚା ସଭାପତି ସୁବ୍ରତ ମିଶ୍ର ପ୍ରମୁଖ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଏସମ୍ପର୍କରେ ଆଲୋଚନା କରିଥିଲେ । ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟି ଦିଆ ନଯାଏ ତେବେ ଆନ୍ଦୋଳନ ଜୋରଦାର କରାଯିବ ବୋଲି କହିଥିଲେ । ନଳକୂପ ଖନନ ଗାଡିଗୁଡିକ ଉମରକୋଟ ବ୍ଲକରେ ରହିଥିଲା । ଏହି ସପ୍ତାହରେ ବାସୀନି ପଞ୍ଚାୟତରେ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଯାଇ ଅଭିଯୋଗ କରିଥିଲେ ଯେ, ବିଭିନ୍ନ ବିଦ୍ୟାଳୟର ଖେଳ ପଡିଆ ଓ ଅନ୍ୟ ଆନୁସାଙ୍ଗିକ ବ୍ୟବସ୍ଥା ନଥାଇ ଏନଓସି ଦିଆ ଯାଉଛି । ଶିଶୁ ମନ୍ଦିର ଓ ଅନ୍ୟ କେତେକ ବିଦ୍ୟାଳୟର ସବୁ କିଛି ଥାଇ ଏନଓସି ପାଇଁ ଆବେଦନ କଲେ ମଧ କାହିଁକି ଦିଆଯାଉ ନାହିଁ ବୋଲି ପ୍ରଶ୍ନ କରିଥିଲେ । ଜିଲା ଶିକ୍ଷା ଅଧିକାରୀ ଚନ୍ଦ୍ରଶେଖର ପାଣିଗ୍ରାହୀ ଏନେଇ ତୁରନ୍ତ ବ୍ୟବସ୍ଥା ଗ୍ରହଣ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ ।



ଉଠାଜଳସେଚନ ନିର୍ବାହୀ ଯନ୍ତ୍ରୀ ଜି.ଡି. ତ୍ରିପାଠୀଙ୍କ ସହ ଭାଜପା କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଫେବୃୟାରୀ ୨୬/୨୦୧୯ Rayagada, Tuesday, February 26/ 2019




■ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# ଛାତ୍ରୀମାନେ ସ୍ନାତକ ଖୋଲିବାକୁ ଦାବି କଲେ

**ମାଲକାନଗିରି,୨୫।୨ (ଡି.ଏନ୍.ଏ.)–** ଆଜି ମାଲକାନଗିରି ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ମାନସ ମାଡକାମି, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲି, ମହାବିଦ୍ୟାଳୟ ପ୍ରତିଷ୍ଠାତା ସମାଜସେବୀ ଦୁର୍ଗା ତ୍ରିପାଠୀ, ପୌର ପରିଷଦ ପୂର୍ବତନ ଅଧ୍ୟକ୍ଷା ରାଜୱନ୍ତ କୌର ପ୍ରମୁଖ ଯୋଗ ଦେଇଥିଲେ। ଓଡିଶାରେ ମହିଳା ସାକ୍ଷରତା ହାର କମ୍ ରହିଛି। ମାଲକାନଗିରିରେ ଏହା ବହୁତ କମ୍ । ନାରୀ ଶିକ୍ଷାର ବିକାଶ ଘଟିଲେ ଦେଶର ପ୍ରଗତି ଘଟିବ । ଆଦିବାସୀ ବହୁଳ ଅଞ୍ଚଳରେ ନାରୀ ଶିକ୍ଷାର ପ୍ରଗତି ପାଇଁ ସରକାରୀ ସ୍ତରରେ କରାଯାଉଥିବା ଉଦ୍ୟମ ପ୍ରଶଂସନୀୟ ବୋଲି ମୁଖ୍ୟ ଅତିଥି ବିଧାୟକ ମାଡକାମି କହିଥିଲେ। ଏହି ଅବସରରେ ଆଗାମୀ ଦିନରେ ମହିଳା ମହାବିଦ୍ୟାଳୟରେ ସ୍ନାତକ ଏବଂ ପିଜି ପାଠ୍ୟକ୍ରମ ଖୋଲିବା ପାଇଁ ଛାତ୍ରୀମାନେ ଦାବି କରିଥିଲେ । ମାଲକାନଗିରି ଜିଲ୍ଲାରେ ଏକମାତ୍ର ମହିଳା ବିଦ୍ୟାଳୟରେ ସରକାରୀ ମାନ୍ୟତା ସହ ଭିତିଭୂମି ପ୍ରତିଷ୍ଠା, ପାଠାଗାର, ପ୍ରମୁଖ ଖୋଲିବା ପାଇଁ ଛାତ୍ରୀମାନେ ଦାବି କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଗତ ବର୍ଷ ବାର୍ଷିକ କ୍ରୀଡା ପ୍ରତି ଯୋଗିତା ବିଭାଗରେ ସୁଚିତ୍ରା ଖଣ୍ଡୁଆଳ ସମଗ୍ର ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର ତମସା ଉନ୍ମୋଚିତ ହୋଇଥିଲା।



ବାର୍ଷିକଉତ୍ସବରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

## ଉଦ୍ଧାର ଭାଲୁ ଛୁଆ ମୃତ

**କୁକୁଡ଼ାଖଣ୍ଡି,୨୫।୨(ଡି.ଏନ.ଏ.)–** କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଳି ଗ୍ରାମରେ ସୋମବାର ଭୋରରେ ନିକଟବର୍ତ୍ତୀ ବିଲମାଳରେ ଏକ ଭାଲୁ ଛୁଆକୁ ଗ୍ରାମବାସୀ ଉଦ୍ଧାର କରିଥିଲେ। ଭାଲୁଛୁଆ ଅସୁସ୍ଥ ହୋଇଥିବା ଅନୁମାନ କରି ବଉଳଝୋଳି ପ୍ରାଣୀ ଚିକିତ୍ସାଳୟ ଏବଂ ବ୍ରହ୍ମପୁର ବନ ବିଭାଗକୁ ଜଣାଇଥିଲେ। ପ୍ରାଣୀ ଚିକିତ୍ସାଳୟ କର୍ମଚାରୀ ପହଞ୍ଚି ପ୍ରାଥମିକ ଚିକିତ୍ସା କରି ଭାଲୁ ଛୁଆକୁ ଏକ ଇଞ୍ଜେକ୍ସନ୍ ଦେଇଥିଲେ। ପରେ ବନ ବିଭାଗ କର୍ମଚାରୀ ଭାଲୁଛୁଆକୁ ଉଦ୍ଧାର କରି ନେବା ପାଇଁ ଗ୍ରାମରେ ପହଞ୍ଚିଲା ବେଳେ ଭାଲୁଛୁଆର ସେହି ସମୟରେ ମୃତ୍ୟୁ ହୋଇଥିଲା। ମୃତ ଭାଲୁ ଛୁଆକୁ ଉଦ୍ଧାର କରି ନେଇଯାଇଛନ୍ତି । ତେବେ ପ୍ରାଣୀ ଚିକିତ୍ସାଳୟ କର୍ମଚାରୀ ପ୍ରାଥମିକ ଚିକିତ୍ସାରୁ ବା ଅନ୍ୟ କୌଣସି କାରଣରୁ ଭାଲୁଛୁଆର ମୃତ୍ୟୁ ହୋଇଛି ସ୍ପଷ୍ଟ ଜଣାପଡ଼ିନାହିଁ।

■ଛାତ୍ରଙ୍କ ହାତରେ ପାଚେରିରେ ଚୂନ ମାରିବା ଘଟଣା

# ଥାନାର ଦ୍ୱାରସ୍ଥ ହେଲେ ପ୍ରଧାନଶିକ୍ଷକ

**ମାଥିଲି , ୨୫।୨ (ସ୍ୱ.ପ୍ର)**

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ କଂସାରିପୁଟ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୁରୁଷୋତ୍ତମ ବେହେରା ଛାତ୍ରଙ୍କ ହାତରେ ପାଚେରିରେ ଚୁନ ମରାଇ ବିବାଦକୁ ଆସିବା ପରେ ଏଥିରୁ ବର୍ତ୍ତିବା ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମାସକ ତଳର ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇ ଲୋକଲୋଚନକୁ ଆସିଥିଲା । ସେତେବେଳେ ଏ ସମ୍ପର୍କରେ ଖବରପାଇ ଅନ୍ୟଗଣମାଧ୍ୟମର ପ୍ରତିନିଧିମାନେ ସେଠାରେ ପହଞ୍ଚିବା ପରେ ସେମାନଙ୍କୁ ଘଟଣାକୁ ଆଗକୁ ନ ଢାଇବା ଲାଗି ପ୍ରଧାନଶିକ୍ଷକ ଅର୍ଥ ଯାଚିଥିଲେ । ଘଟଣାକୁ ନେଇ କେତେକ ବ୍ୟକ୍ତି ବିଦ୍ୟାଳୟକୁ ଆସି ଉକ୍ତ ଭାଇରାଲ ଫଟୋ ପ୍ରଧାନଶିକ୍ଷକଙ୍କୁ ଦେଖାଇଥିଲେ । ସେଥିରୁ ବର୍ତ୍ତିବା ପାଇଁ ସେମାନଙ୍କୁ ସମ୍ପୃକ୍ତ ପ୍ରଧାନଶିକ୍ଷକ ବେହେରା ବ୍ଲାଙ୍କ ଚେକ୍ ଦେଇଥିଲେ । ଗତ ୨୦ରେ ହ୍ୟୁମାନ ରାଇଟ୍‌ସ କର୍ମକର୍ତ୍ତା ଦର୍ଶାଇ ଆସିଥିବା କିଛି ଲୋକଙ୍କୁ ସେ ୪୦ ହଜାର ଟଙ୍କା ଦେଇଥିବା ସେ ଏତଲାରେ ଉଲ୍ଲେଖ କରିଛନ୍ତି । ପ୍ରକୃତ ଘଟଣାକୁ ଲୁଚାଇ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ନାମରେ ଏତଲାରେ ଦର୍ଶାଯାଇଛି । ଏଠାରେ ପ୍ରଶ୍ନ ଉଠୁଛି ପ୍ରଧାନଶିକ୍ଷକ ପ୍ରଥମେ ବ୍ଲାଙ୍କଚେକ ପରେ ୪୦ ହଜାର ଟଙ୍କା କାହିଁକି କେଉଁ ପରିପ୍ରେକ୍ଷୀରେ କାହାକୁ ଦେଲେ। ପିଲାଙ୍କ ଦ୍ୱାରା ଚୁନ ମରାଇ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନକୁ ଭୟ କରି ସେ ଏପରି ମିଥ୍ୟା କଥା ଉଲ୍ଲେଖ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ପୂର୍ବରୁ ପ୍ରଧାନଶିକ୍ଷକ ବେହେରା ଥିବା ବିଦ୍ୟାଳୟରେ ବିବାଦୀୟ ହୋଇ ପଡିଥିଲେ। କଂସାରିପୁଟ ବିଦ୍ୟାଳୟକୁ ଆସିବା ପରେ ପ୍ରଧାନଶିକ୍ଷକ ଦାୟିତ୍ୱ ନେଇ ପରେ ହଷ୍ଟେଲ ଦାୟିତ୍ୱ ନେବା ପାଇଁ ବିଭିନ୍ନ ଫନ୍ଦିଫିକର କରି ଚର୍ଚ୍ଚାକୁ ଆସିଥିଲେ । ପୂର୍ବ ବିଦ୍ୟାଳୟରେ ତାଙ୍କୁ ହଷ୍ଟେଲ ଦାୟିତ୍ୱ ମିଳି ନ ଥିଲା । ସମସ୍ତ ଘଟଣା ସନ୍ଦେହ ପରିସରରେ ଥିବାବେଳେ ପ୍ରଧାନଶିକ୍ଷକ ଥାନାର ଦ୍ୱାରସ୍ଥ ହେବା କେତେ ଦୂର ଯୁକ୍ତିଯୁକ୍ତ ତାହା ଅନୁଧ୍ୟାନସାପେକ୍ଷ। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଲେ ଯେ, ଧରିତ୍ରୀରେ ପ୍ରକାଶିତ ଖବର ପଢ଼ିଛି । ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇ ବିଇଓଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଆଚରଣ ବିଧି ପାଳନ ନେଇ ନିର୍ବାଚନ ଅଧିକାରୀଙ୍କ ଆଗୁଆ ନିର୍ଦ୍ଦେଶ

**ମାଲକାନଗିରି,୨୫।୨ (ଡି.ଏନ୍.ଏ)**

ସାଧାରଣ ନିର୍ବାଚନକୁ ଆଉମାତ୍ର କିଛିଦିନ ରହିଥିବା ବେଳେ ମାଲକାନଗିରି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଚରଣ ବିଧି ପାଳନ ନେଇ ଆଗୁଆ ଭାବେ ପ୍ରସ୍ତୁତ ରହିବାକୁ ଜିଲାର ସମସ୍ତ ବ୍ଲକର ବିଡିଓ, ତହସିଲଦାର, ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ନର୍ବାହୀ ଅଧିକାରୀଙ୍କୁ ଲିଖିତ ନିର୍ଦ୍ଦେଶ ଦେଇଛନ୍ତି। ଯେକୌଣସି ମୁହୂର୍ତ୍ତରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇପାରେ । ଏଥିପାଇଁ ପ୍ରସ୍ତୁତ ରହିବାକୁ ସେ କହିଛନ୍ତି। ତେଣୁ ସମସ୍ତ ପଞ୍ଚାୟତ, ଜିଲା ମୁଖ୍ୟାଳୟରେ କୌଣସିଠାରେ କଂଗ୍ରେସ, ବିଜେଡି, ଭାଜପା କିମ୍ବା ଅନ୍ୟ କୌଣସି ରାଜନୈତିକ ଦଳର ପୋଷ୍ଟର, ବ୍ୟାନର ରହିପାରିବ ନାହିଁ । ଆଚରଣବିଧି ଲାଗୁ ହେବା ୨୪ ଘଣ୍ଟା ମଧ୍ୟରେ ଏସବୁ ବ୍ୟାନର ପୋଷ୍ଟର ହଟାଯିବ। ସରକାରୀ କାନ୍ଥବାଡରେ କୌଣସି ଦଳୀୟ ବ୍ୟାନର ପୋଷ୍ଟର ଲାଗିପାରିବ ନାହିଁ। ଏଥିପାଇଁ ବିଭାଗ ଆବଶ୍ୟକ ସ୍ଥଳେ ଅସ୍ଥାୟୀ କର୍ମଚାରୀ ନିଯୁକ୍ତି କରିବା ପାଇଁ ମଧ୍ୟ ନିର୍ଦ୍ଦେଶରେ କୁହାଯାଇଛି।




■ ଯୁବ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

# ଯୁବ ପିଢି ଦେଶର ମେରୁଦଣ୍ଡ

**ମାଲକାନଗିରି,୨୫।୨ (ଡି.ଏନ୍.ଏ.)**

ଯୁବପିଢି ଦେଶର ମେରୁଦଣ୍ଡ। ଏହି ପୀଢି ଦେଶ ସେବା ଏବଂ ଦେଶ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ସେଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯୁବପିଢିଙ୍କୁ ଅଗ୍ରାଧିକାର ଦେଇ ଆସୁଛନ୍ତି। ଯୁବପିଢିଙ୍କ କର୍ତ୍ତବ୍ୟ ଏବଂ ଦାୟିତ୍ୱ ସମ୍ପର୍କରେ ଏକ ୩ଦିନିଆ ପ୍ରଶିକ୍ଷଣ ଶିବିର ସୋମବାର ମାଲକାନଗିରି ସଦର ମହକୁମାଠାରେ ଆରମ୍ଭ ହୋଇଛି। ନେହେରୁ ଯୁବକେନ୍ଦ୍ର ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଧାୟକ ମାନସ ମାଡକାମି, ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲି, ପୌର ପରିଷଦ ପୂର୍ବତନ ଅଧ କ୍ଷା ରାଜୱନ୍ତ କୌର, ଯୁବ ରେଡକ୍ରସ ସଂଯୋଜକ ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ, ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ ଷଡଙ୍ଗୀ ଯୋଗଦେଇ ଯୁବ ପିଢି ମାନଙ୍କୁ ବିଭିନ୍ନ ମାର୍ଗଦର୍ଶନ ଦେବା ସହ ସବୁ କ୍ଷେତ୍ରରେ ଯୁବ ପୀଢିମାନେ ନେତୃତ୍ୱ ନେବା ଉଚିତ ବୋଲି କହିଥିଲେ। ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ଅଧୀନ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମ ଯୁବପିଢିଙ୍କୁ ନିଶ୍ଚିତ ଉତ୍ସାହିତ କରିବ । ସମାଜର ବିକାଶ, ଜୀବନ କୌଶଳ, ଭାରତ ନିର୍ମାଣ ଆଦି ସମ୍ପର୍କରେ ଯୁବକମାନଙ୍କୁ ପ୍ରଶିକ୍ଷକ ସୁଦର୍ଶନ ନାୟକ ପ୍ରଶିକ୍ଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କାଲିମେଳା, ମାଲକାନଗିରି, ଚିତ୍ରକୋଣ୍ଡା, ଖଇରପୁଟ, ମାଥିଲି ବ୍ଲକରୁ ଆସିଥିବା ୪୦ରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ପାତ୍ର ପରିଚାଳନା କରିଥିଲେ। ଆସନ୍ତା ୨୭ରେ ଏହା ଉଦ୍‌ଯାପିତ ହେବ।


ପ୍ରଶିକ୍ଷଣ ଶିବିରରେ ସାମିଲ ହୋଇଥିବା ଯୁବକମାନେ ।

## ଗଛପଡ଼ି ଘର ଭାଙ୍ଗିଲା, ସହାୟତା ଦାବି

**ଖଜୁରିପଡ଼ା,୨୫।୨(ଡି.ଏନ୍.ଏ.)–** ଖଜୁରିପଡ଼ା ବ୍ଲକ ବସଲକୁମ୍ପା ପଞ୍ଚାୟତ ବସଲକୁମ୍ପା ଗ୍ରାମରେ କାଳବୈଶାଖୀ ପ୍ରଭାବରେ ରବିବାର ସନ୍ଧ୍ୟାରେ ହୋଇଥିବା ଝଡ଼ତୋଫାନରେ ଗଛ ଭାଙ୍ଗି ପଡ଼ିବାରୁ ସୁଷମା ନାୟକଙ୍କ ଚାଳ ଘର କ୍ଷତିଗ୍ରସ୍ତ ହୋଇଛି। ଘରେ ସୁଷମା ଓ ତାଙ୍କ ୨ ଝିଅ ଥିଲେ ମଧ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅସହାୟ ସୁଷମା ବିଧବା ଭତ୍ତା ପାଇଁ ବାରମ୍ବାର ଆବେଦନ କରିଥିଲେ ମଧ୍ୟ ଏ ଯାଏ ତାହା ହୋଇନାହିଁ। ଘର ଖଣ୍ଡେ ଓ ୨ ଝିଅଙ୍କ ବିବାହ ଚିନ୍ତାରେ ଥିବା ସୁଷମାଙ୍କୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଉ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ